


ତ୍ରୈମାସିକ ପତ୍ରିକା ସଂଖ୍ୟା ୧ ଏପ୍ରିଲ ୨୦୧୦

## *ସମ୍ପାଦକୀୟ......*

ସହଯୋଗ - ମିଳିମିଶି କାମ କରିବାର ଏକ ପ୍ରକ୍ରିୟା । ଯେତେବେଳେ କିଛି ଲୋକ ନିଜର ଏକ ସମାନ ଅସୁବିଧା / ସମସ୍ୟାକୁ ଦୂର କରିବାକୁ ଏକାଠି ହୁଅନ୍ତି ଏବଂ ମିଳିମିଶି କାମ କରନ୍ତି ସେମାନେ 'ପାରସ୍ପରିକ ସହଯୋଗ'ର କାମ କରୁଛନ୍ତି ବୋଲି କୁହାଯାଏ। ଏହି 'ସହଯୋଗ' ହିଁ ସମବାୟ ସଙ୍ଗଠନର ମୂଳଭିତ୍ତି।

ଏହି ମିଳିମିଶି କାମ କରିବା ପ୍ରକ୍ରିୟାଟି ଯେତେବେଳେ ସାଙ୍ଗଠନିକ ରୂପନିଏ ଏବଂ ନିୟମିତ ଭାବରେ ଚାଲେ – ସମବାୟଟିଏ କାମ କରୁଛି ବୋଲି କୁହାଯାଇଥାଏ। ଏଭଳି ସଙ୍ଗଠନଟିଏ କେବଳ ଏଥିରେ ସାମିଲ୍ ହୋଇଥିବା ବ୍ୟକ୍ତି ବିଶେଷଙ୍କ ପାଇଁ କାମ କରେ ତଥା ସେମାନେ ହିଁ ଏହାକୁ ଚଳାଇଥାନ୍ତି। ଏଣୁ ସମବାୟ ସଭ୍ୟମାନଙ୍କର, ସଭ୍ୟମାନଙ୍କ ପାଇଁ ଓ ସଭ୍ୟମାନଙ୍କ ଦ୍ୱାରା ପରିଚାଳିତ ଏକ ସଙ୍ଗଠନ। ସଭ୍ୟମାନେ ନିଜର ଏକ ସମାନ ଆବଶ୍ୟକତାର ପରିପୂରଣ ପାଇଁ ଏଭଳି ଏକ ସଙ୍ଗଠନ ଗଢ଼ିଥାନ୍ତି। ଅନେକ ସମବାୟ ନିଜର ସଭ୍ୟମାନଙ୍କର ଆବଶ୍ୟକତାର ପରିପୂରଣ ପାଇଁ ବ୍ୟବସାୟିକ କାର୍ଯ୍ୟକ୍ରମ ମାନ ନିଜ ହାତକୁ ନେଇଥାନ୍ତି। ଏଭଳି କାର୍ଯ୍ୟକ୍ରମ ହାତକୁ ନେଲାବେଳେ ମଧ୍ୟ ସେଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ସଭ୍ୟମାନଙ୍କୁ ସେବା ପ୍ରଦାନ ହୋଇଥାଏ। ଯଦିଚ ବଜାରରେ ତିଷ୍ଠି ରହିବା ପାଇଁ କିଛି ପରିମାଣର ଲାଭ ଆବଶ୍ୟକ ତଥାପି ଏଭଳି ସଙ୍ଗଠନ କେବଳ ଲାଭର ଲୋଭରେ କାମ କରେନାହିଁ। ବରଂ ଏହା ସଭ୍ୟମାନଙ୍କର ସମ୍ବଳଗୁଡ଼ିକୁ ଏକତ୍ରିତ କରିବାର ସୁଯୋଗ ସୃଷ୍ଟିକରେ। ଏହି ସମ୍ବଳ ଗୁଡ଼ିକର ସମ୍ଭାବ୍ୟ ଶ୍ରେଷ୍ଠ ବିନିଯୋଗକୁ ସୁନିଶ୍ଚିତ କରେ ଏବଂ ସେଥିରେ ଯଦି କିଛି ଲାଭହୁଏ ତାହେଲେ ଉକ୍ତ ଲାଭକୁ ସଭ୍ୟମାନଙ୍କ ମଧ୍ୟରେ ସମୁଚିତ ବିତରଣ କରିବାର ବ୍ୟବସ୍ଥା କରେ। ସମବାୟ ସଙ୍ଗଠନ ଗୁଡ଼ିକ ସାଧାରଣତଃ କେତୋଟି ମୌଳିକ ସିଦ୍ଧାନ୍ତ ଆଧାରରେ କାମ କରିଥାନ୍ତି। ଯଥା – ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସୁଥିବା ବ୍ୟକ୍ତିଙ୍କୁ ସଭ୍ୟରୂପେ ଗ୍ରହଣ କରିବା, ସମସ୍ତ ସଭ୍ୟଙ୍କୁ ସମାନ ଦୃଷ୍ଟିରେ ଦେଖିବା, ସବୁ ସଭ୍ୟଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା, ସଭ୍ୟମାନଙ୍କୁ ପରସ୍ପର ନିକଟରୁ ନିକଟତର କରିବା, ସଭ୍ୟମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ଭାବରେ ପ୍ରସ୍ତୁତ ନୀତି-ନିୟମକୁ ମାନି ଚଳିବା ତଥା ସ୍ୱ-ସାହାଯ୍ୟ ଓ ପାରସ୍ପରିକ ସହଯୋଗକୁ ପ୍ରାଧାନ୍ୟ ଦେବା।

ଛୋଟ ବେଳୁ ଆମେ ସମସ୍ତେ ଶୁଣି ଆସିଛୁ ଯେ ଭାରତର ଆତ୍ମା ତାର ଗ୍ରାମାଞ୍ଚଳରେ ବାସ କରେ। ଚାଷକାମ ଯାହାର, କି ଆନନ୍ଦ ତାହାର, ଚାଷୀଭାଇ ଯୋଗାଉଛି ଦୁନିଆକୁ ଆହାର। ଆମେ ସମସ୍ତେ ଜାଣୁ ଯେ ଗାଁ ହେଉଛି ସମସ୍ତ ପ୍ରକାର ପ୍ରାଥମିକ ଉତ୍ପାଦନର କେନ୍ଦ୍ରସ୍ଥଳୀ। ଚାଷୀ, ଜଙ୍ଗଲଜୀବି, ପାରମ୍ପରିକ କୌଳିକ ବୃତ୍ତିରେ ଥିବା ଗ୍ରାମ୍ୟଶିଳ୍ପୀ ଓ କାରିଗର ଏମାନେ ସମସ୍ତେ ଗାଁ'ରେ ବାସ କରନ୍ତି ତଥା ଉତ୍ପାଦନ ବ୍ୟବସ୍ଥାରେ ସମସ୍ତେ ଜଣେ ଜଣେ ପ୍ରାଥମିକ ଉତ୍ପାଦନକାରୀ।

# ସମବାୟ କଥା

*ସଂଖ୍ୟା - ୧, ଏପ୍ରିଲ, ୨୦୧୦*

***ସମ୍ପାଦନାମଣ୍ଡଳୀ***

ନିହାର ରଂଜନ ମିଶ୍ର

ପୁଷ୍ପାଞ୍ଜଳି ଶତପଥୀ

ବିଭୂତି ଭୂଷଣ ପ୍ରଧାନ

***ଅକ୍ଷରସଜ୍ଜା***

ଶକୁନ୍ତଳା ଆଚାର୍ଯ୍ୟ

***ପ୍ରଚ୍ଛଦ ଚିତ୍ର***

ବିଶ୍ୱଜ୍ୟୋତି ସାହୁ


## ସୂଚୀପତ୍ର


| | |
|---|---|
| ସମ୍ପାଦକୀୟ... | ୧ |
| ନୂଆ ପୀଢ଼ିର ସମବାୟ: କୁଚିଣ୍ଡା-ବାରକୋଟ (କେ-ବି) ମଡ଼େଲର ଅଭିଜ୍ଞତା | ୩ |
| କବିତା..... | ୭ |
| ଅନୁଭୂତିରୁ ଶିକ୍ଷା... | ୮ |
| କେନ୍ଦୁପତ୍ର ତୋଳାଳୀ ସମବାୟ : ଆଜିର ଆବଶ୍ୟକତା | ୯ |


ଆଜିର ପରିସ୍ଥିତିରେ ଧୀରେଧୀରେ ବଦଳି ଯାଉଛି ଗାଁ ଗୁଡ଼ିକର ଦୃଶ୍ୟପଟ। ଚାଷରେ ଉତ୍ପାଦନ ତୁଳନାରେ ଖର୍ଚ୍ଚ ବଢ଼ିଚାଲିଛି ତ ଗାଁ ପାଖରୁ ଜଙ୍ଗଲ ଉଭେଇ ଗଲାଣି। ଏହାସହ ଉପରୋକ୍ତ ପ୍ରାଥମିକ ଉତ୍ପାଦନକାରୀମାନଙ୍କ ବୃତ୍ତି ମଧ୍ୟ ବୁଡ଼ିବାକୁ ବସିଲାଣି। ଚାଷୀ, ଜଙ୍ଗଲ-ଜୀବ, ପାରମ୍ପରିକ ବୃତ୍ତିରେ ଥିବା ଲୋକେ ଆଜି ସମସ୍ତ ନୂଆ – ଜୀବିକାର ସନ୍ଧାନରେ ସହର ଆଡ଼କୁ ମୁହାଇଁଲେଣି।

ଅତୀତରେ ଗାଁ ଗୌନ୍ତିଆ, ମହାଜନ, ସାହୁକାରର ଆଶ୍ରିତ ଥିବା ଲୋକେ ଆଜି ଟାଟା, ବିରଳା, କାରଗିଲ୍ ଭଳି ଦେଶୀ-ବିଦେଶୀ କମ୍ପାନୀର ଆଶ୍ରୟ ଖୋଜୁଛନ୍ତି। ଗାଁ ସବୁ ଉଜୁଡ଼ିଯିବାକୁ ବସିଲାଣି। ତାହେଲେ ଭାରତର ଆତ୍ମା ଏବେ କେଉଁଠି ?

ଏଭଳି ପରସ୍ଥିତିରେ ଆମ ଦେଶରେ ସମବାୟ ସଙ୍ଗଠନର ଗୁରୁତ୍ୱ ନିଶ୍ଚିତ ଭାବରେ ବଢ଼ି ଯାଇଛି। ଜୀବନ-ଜୀବିକା ସମ୍ପର୍କିତ ପ୍ରତ୍ୟେକ କ୍ଷେତ୍ରରେ ସମବାୟମାନ ଗଢ଼ିଉଠିବା ଆବଶ୍ୟକ ହେଉଛି। ଆମ ଦେଶ ଇଂରେଜମାନଙ୍କ କବଳରୁ ମୁକ୍ତ ହେଲାପରେ ଆମ ଦେଶର ସରକାର କୃଷି, ବଜାର-ବ୍ୟବସ୍ଥା, ଖାଉଟି, ହସ୍ତତନ୍ତ, ଋଣ ଆଦି ଅନେକ କ୍ଷେତ୍ରରେ ସମବାୟକୁ ପ୍ରୋତ୍ସାହିତ କରିଛନ୍ତି। ସମବାୟ ସୃଷ୍ଟି ହୋଇଛି, କାର୍ଯ୍ୟ କରିଛି, କେତେକାଂଶରେ ସଫଳ ମଧ୍ୟ ହୋଇଛି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏହି ସମବାୟ ଗୁଡ଼ିକରେ ସମବାୟ – ଚରିତ୍ର ଦେଖିବାକୁ ମିଳେ ନାହିଁ ବା ସ୍ୱାଧୀନୋତ୍ତର ଭାରତର ନେତୃବର୍ଗଙ୍କ ପରିକଳ୍ପିତ ସମବାୟ ଆନ୍ଦୋଳନ ପ୍ରକୃତ ରୂପ ନେଇପାରିନାହିଁ।

କାରଣ ଏସବୁ ସମବାୟ ଗୁଡ଼ିକରେ ସଭ୍ୟମାନେ ସମବାୟ କାହିଁକି ହୋଇଛି ? କିଏ କରିଛି ? କିଏ ଚଳାଇବ ? କେମିତି ଚାଲିବ ? ଏସବୁ ବିଷୟରେ ମୁଣ୍ଡ ଖେଳାନ୍ତି ନାହିଁ। ସବୁକଥା ସରକାର ସ୍ଥିର କରନ୍ତି। ଏଣୁ ଅନେକ ଏସବୁ ସଙ୍ଗଠନଗୁଡ଼ିକୁ ଲୋକେ ସରକାରୀ-ସମବାୟ ବୋଲି କହିଥାନ୍ତି।

ଆଜିର ପରିସ୍ଥିତିରେ ସମବାୟ ନିହାତି ଆବଶ୍ୟକ। ଜୀବନ-ଜୀବିକାର ପ୍ରତି କ୍ଷେତ୍ରରେ ସମବାୟ ଦରକାର। ପ୍ରକୃତ ସମବାୟ ଗଢ଼ିଉଠିବା ପାଇଁ ଆମ ରାଜ୍ୟରେ ପ୍ରଗତିଶୀଳ ସମବାୟ ଆଇନ୍ ଟିଏ କାର୍ଯ୍ୟକାରୀ ହୋଇଛି। ଲୋକମାନେ ମଧ୍ୟ ଏହି ଆବଶ୍ୟକତାକୁ ଉପଲବ୍ଧି କଲେଣି। ମିଳିମିଶି ବଞ୍ଚିବାର ଏହି ପ୍ରକ୍ରିୟାଟିକୁ ଆଦରିନେବା ଆରମ୍ଭ କଲେଣି। ଆଗାମୀ ଦିନରେ ଏହା ଜୀବନ-ଜୀବିକାର ପ୍ରତ୍ୟେକ କ୍ଷେତ୍ରକୁ ପ୍ରସାରିତ ହେଲେ ହିଁ ସମବାୟ-ଆନ୍ଦୋଳନ ବ୍ୟାପକ ରୂପ ନେଇ ପାରିବ ତଥା ସ୍ୱ-ସାହାଯ୍ୟ ଓ ପାରସ୍ପରିକ ସହଯୋଗର ବାତାବରଣଟିଏ ସୃଷ୍ଟି ହୋଇପାରିବ।

ଆସନ୍ତୁ; ଆମେ ସମସ୍ତେ ସମବାୟକୁ ଆମ ଜୀବନ-ଜୀବିକାର ଏକ ସଂସ୍କୃତି ରୂପେ ଗଢ଼ିତୋଳିବା ! ଏହା ହିଁ ସମୟର ଆହ୍ୱାନ ! !

ଜୟ ସମବାୟ ! !

# ନୂଆ ପୀଢ଼ିର ସମବାୟ:
# କୁଚିଣ୍ଡା-ବାରକୋଟ (କେ-ବି) ମଡ଼େଲର ଅଭିଜ୍ଞତା

**ପୃଷ୍ଠଭୂମି:**

ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରୀ ଆମ ଗ୍ରାମାଞ୍ଚଳ ଗୁଡ଼ିକର ଏକ ପ୍ରମୁଖ ଜୀବିକା। କୃଷି ପରେ ଏହା ହେଉଛି ଦ୍ୱିତୀୟକ୍ଷେତ୍ର ଯାହା ଉପରେ ଆମ ଓଡ଼ିଶାର ଏକ-ଚତୁର୍ଥାଂଶ ପରିବାର (ମୁଖ୍ୟତଃ ଆଦିବାସୀ ଏବଂ ଦଳିତ ଶ୍ରେଣୀର) ନିର୍ଭର କରିଥାନ୍ତି। ତଥାପି, ଜଙ୍ଗଲ ଆଧାରିତ ଜୀବିକାର ବିକାଶ ସେଭଳି ଗୁରୁତ୍ୱ ପାଇନାହିଁ। ବ୍ୟବସାୟୀମାନଙ୍କ ଅଖଣ୍ଡ ଆଧିପତ୍ୟ, ଅନୈତିକ କାରବାର, ବଜାର ସୂଚନା ଓ ସ୍ଥଳର ଅଭାବ, ପ୍ରକ୍ରିୟାକରଣ ଓ ସଂରକ୍ଷଣ ବ୍ୟବସ୍ଥାର ଅଭାବ ଆଦି ଅନେକ ସମସ୍ୟା ଜର୍ଜରିତ ବନଜାତ ଦ୍ରବ୍ୟର ବଜାର ଏହି ଜୀବିକାକୁ ଅନିଶ୍ଚିତ କରି ରଖିଛି। ନୀତିଗତ ସ୍ତରରେ ମଧ୍ୟ ଦାରିଦ୍ର ନିରାକରଣ ଓ ନିରନ୍ତର ଜୀବିକା ପାଇଁ ଜଙ୍ଗଲ ଓ ଜଙ୍ଗଲଜାତ ଦ୍ରବ୍ୟର ଭୂମିକା ସ୍ଥାନ ପାଉନାହିଁ।

ଅଣକାଷ୍ଠ ବନଜାତ ଦ୍ରବ୍ୟ (ସଂଗ୍ରହ ଓ ବ୍ୟବସାୟ) ନୀତି, ୨୦୦୦ ଗୋଷ୍ଠୀ-ମାଧ୍ୟମରେ ବନଜାତ ଦ୍ରବ୍ୟର ବ୍ୟବସାୟ ପାଇଁ ସୁଯୋଗ ସୃଷ୍ଟିକଲା। ପରେ ପରେ ଓଡ଼ିଶା ସ୍ୱୟଂ ସହାୟକ ସମବାୟ ଆଇନ୍, ୨୦୦୧ର ପ୍ରଣୟନ ଏ ଦିଗରେ ଗୋଷ୍ଠୀ-ସଙ୍ଗଠନ ସୃଷ୍ଟି ପାଇଁ କ୍ଷେତ୍ର ପ୍ରସ୍ତୁତ କଲା। ଏଭଳି ପରିସ୍ଥିତିରେ ୨୦୦୨ ମସିହାରେ 'ବସୁନ୍ଧରା' ତରଫରୁ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକର ୩ଟି ଗ୍ରାମ ପଞ୍ଚାୟତରେ "ବନଜାତ-ଦ୍ରବ୍ୟ ଆଧାରିତ ସ୍ୱାବଲମ୍ବୀ ସମବାୟ ସଙ୍ଗଠନର ଆବଶ୍ୟକତା ଓ ସମ୍ଭାବନା" ଉପରେ ଏକ ଅନୁଧ୍ୟାନ କରାଗଲା। ୨୦୦୨ ମସିହାର ଶେଷାର୍ଦ୍ଧରେ ଏକ ଅନୁଧ୍ୟାନର ଫଳାଫଳକୁ ନେଇ ସେ ଅଞ୍ଚଳରେ ଆଲୋଚନାର ପ୍ରକ୍ରିୟା ଟିଏ ଆରମ୍ଭ ହେଲା। ଉକ୍ତ ଆଲୋଚନା ପ୍ରକ୍ରିୟାରେ କେତେଗୁଡ଼ିଏ ମୁଖ୍ୟ ପ୍ରଶ୍ନ ଲୋକମାନଙ୍କ ସମ୍ମୁଖକୁ ଆସିଥିଲା।

- ❖ ଆମ ସମ୍ବଳ ଉପରେ ଆମର ଅଧିକାରତ ଦୂରର କଥା, ନିଜର ପରିଶ୍ରମ ହିସାବରେ ମଜୁରୀ ମଧ୍ୟ ମିଳୁନାହିଁ କିହିଁକି ?
- ❖ ଆମ ଜିନିଷର କିଣାବିକା କ୍ଷେତ୍ରରେ ସବୁକଥା କିଏ ସ୍ଥିର କରୁଛି ?
- ❖ ସରକାରୀ ଆଇନ୍ / ନୀତି କାହା ସପକ୍ଷରେ ଅଛି ?
- ❖ ଆମ ଜିନିଷର କିଣା-ବିକା ପାଇଁ ସରକାର ଗଠନ କରିଥିବା ସଂସ୍ଥାଗୁଡ଼ିକ ଆମପାଇଁ କ'ଣ କରି ପାରିଛନ୍ତି ?

ଆଲୋଚନା ପ୍ରକ୍ରିୟା ଶେଷରେ ଲୋକମାନଙ୍କ ଭିତରେ ନିମ୍ନ ଲିଖିତ ବିଷୟଗୁଡ଼ିକ ଉପରେ ସହମତି ସୃଷ୍ଟି ହେଲା। ଆମ ନିଜ ଉତ୍ପାଦନ ଉପରେ ନିଜର ନିୟନ୍ତ୍ରଣ ନାହିଁ। ଆମ ଜିନିଷ ବିକ୍ରି କରୁଥିବା ବଜାରରେ ସବୁକଥା ବେପାରୀମାନେ ସ୍ଥିର କରୁଛନ୍ତି। ମାପ / ଓଜନ ବ୍ୟବସ୍ଥା କ'ଣ ହେବ ? କେଉଁ ଦ୍ରବ୍ୟର ଦର କ'ଣ ରହିବ ? କେଉଁ ହାଟରେ କେଉଁ ଦ୍ରବ୍ୟ କିଣାଯିବ ? ଏସବୁ କଥା ସେମାନେ ଠିକ୍ କରୁଛନ୍ତି। ଏଥିରେ ଆମର କିଛି କରିବାର ନାହିଁକି କହିବାର ଉପାୟ ମଧ୍ୟ ନାହିଁ। ସରକାର ଯାହା ନୀତି / ଆଇନ କଲେ ତାହା ବ୍ୟବସାୟୀମାନଙ୍କ ସପକ୍ଷରେ ଗଲା। ଯେଉଁ ସଂସ୍ଥା ତିଆରି କଲେ ତାହା ଆମର ଜୀବନ-ଜୀବିକାର ସୁରକ୍ଷା ଓ ଉନ୍ନତି ଦିଗରେ କୌଣସି ଉଲ୍ଲେଖନୀୟ ପଦକ୍ଷେପ ନେଇ ପାରୁନାହାଁନ୍ତି କିମ୍ବା ସେଗୁଡ଼ିକ ଆମ ସ୍ୱାର୍ଥକୁ ସୁରକ୍ଷିତ ରଖିବା ଦିଗରେ ଭବିଷ୍ୟତରେ କିଛି କରିବେ ଭଳି ମଧ୍ୟ ଲାଗୁନାହିଁ। ଏଣୁ ଆମକଥା ବୁଝିବାପାଇଁ ଆମ ନିଜର ସଂଗଠନଟିଏ ନିହାତି ଦରକାର। ଯେଉଁ ସଂଗଠନ ଜରିଆରେ ଆମେ ଆମ ଜିନିଷର କିଣା-ବିକା କରିବା। ନିଜ ଜିନିଷ ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା। ଯଦ୍ୱାରା - ମାପ ଓଜନରେ ଆଉ ଠକେଇ ହେବ ନି। ନିଜ ଜିନିଷ ବିକିବାପାଇଁ ଦୂର ବଜାରକୁ ଯିବାକୁ ପଡ଼ିବନି। ସବୁ ଜିନିଷ ପାଇଁ ଏକ ସ୍ଥିର ଦର ମିଳି ପାରିବ। ଧିରେ ଧିରେ ବଜାରଟା ଆମ ହାତମୁଠାକୁ ଆସିବ।

ତା'ପରେ ଆରମ୍ଭ ହେଲା ବିକଳ୍ପର ସନ୍ଧାନ। ବିଭିନ୍ନ ସାଂଗଠନିକ ବିକଳ୍ପ ଉପରେ ଆଲୋଚନାପରେ ଲୋକେ ହୃଦବୋଧ କଲେ ଯେ ସ୍ୱାବଲମ୍ବୀ ସମବାୟ ଏ ଦିଗରେ ଏକ ଉତ୍ତମ ବିକଳ୍ପ।

**ସମବାୟ ପ୍ରକ୍ରିୟା:**

୨୪ ଫେବୃଆରୀ ୨୦୦୩ଦିନ ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକର ଟାମ୍ପରକେଲା ପଞ୍ଚାୟତରେ ସ୍ୱାବଲମ୍ବୀ ସମବାୟର ଭିତ୍ତି

ପଡ଼ିଲା । ପ୍ରକ୍ରିୟାର ଫଳ ସ୍ୱରୂପ ବର୍ତ୍ତମାନ ୪ଟି ଜିଲ୍ଲା ଯଥା ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଓ ଅନୁଗୋଳରେ ୩୯ଟି ପ୍ରସ୍ତାବିତ ପ୍ରାଥମିକ ସମବାୟ ଗଠିତ ହୋଇଛି । ୨୧ଟି ପ୍ରାଥମିକ ସମବାୟକୁ ନେଇ କୁଚିଣ୍ଡା ସମ୍ବଲପୁରଠାରେ ବନଜା ବାଣିଜ୍ୟ ସଂଘ ଓ ୧୭ଟି ପ୍ରାଥମିକ ସମବାୟକୁ ନେଇ ବାରକୋଟ, ଦେବଗଡ଼ଠାରେ ବନାନୀ ମହିଳା ସମବାୟ ସଂଘ ଗଠିତ ହୋଇଛି ।

ପ୍ରକ୍ରିୟାରେ ଗଢ଼ି ଉଠିଥିବା ପ୍ରାଥମିକ ସମବାୟ ଓ ସଂଘ ଗୁଡ଼ିକର କେତେକ ସ୍ୱାତନ୍ତ୍ର ନିମ୍ନୋକ୍ତ ସାରଣୀରେ ପ୍ରଦାନ କରାଗଲା ।

| ବିବରଣୀ | ପ୍ରାଥମିକ | ସମବାୟ ସଂଘ |
|---|---|---|
| ପରିସର | ୨ ରୁ ୫ଟି ଗ୍ରାମ | ପରସ୍ପର ସଂଲଗ୍ନ ୨ ବା ୩ଟି ଜିଲ୍ଲା |
| ସଭ୍ୟପଦ | ପ୍ରତି ପରିବାରରୁ ଜଣେ ମହିଳା | ସମଧର୍ମୀ ପ୍ରାଥମିକ ମହିଳା ସମବାୟ |
| ମୁଖ୍ୟସେବା | ସଭ୍ୟମାନଙ୍କ ଦ୍ୱାରା ସଂଗୃହୀତ, ଉତ୍ପାଦିତ ଓ ପ୍ରସ୍ତୁତ ଦ୍ରବ୍ୟର ଜମା ସଂଗ୍ରହ ଓ ବିକ୍ରୀ | ସଭ୍ୟ ସମବାୟ ଦ୍ୱାରା ହୋଇଥିବା ଜମା-ସଂଗ୍ରହର ବିକ୍ରୀ ଓ ଉଚିତ ମୂଲ୍ୟ ପ୍ରଦାନ |
| ସହାୟକ ସେବା | - ସାକ୍ଷରତା<br>- ସଞ୍ଚୟ ଓ ଋଣ<br>- ଜଙ୍ଗଲ ସୁରକ୍ଷା ଓ ପରିଚାଳନା<br>- ବାର୍ଷିକ ସ୍ୱାସ୍ଥ୍ୟ ଶିବିର<br>- ସୂଚନାର ବିତରଣ | - କାର୍ଯ୍ୟକାରୀ ପୁଞ୍ଜି ପାଇଁ ଋଣର ବ୍ୟବସ୍ଥା<br>- ନଥିକରଣ, ହିସାବକିତାବ ଓ ଆଭ୍ୟନ୍ତରୀଣ ସମୀକ୍ଷା ପାଇଁ ସହଯୋଗ<br>- ପ୍ରଶିକ୍ଷଣ<br>- ସରକାରୀ ଯୋଗାଯୋଗ |

**ପ୍ରକ୍ରିୟାର ବୈଶିଷ୍ଟ:**

* **ସଭ୍ୟ ଆଧାର:** ଏହି ପ୍ରକ୍ରିୟାରେ ଏ ଯାବତ୍ ପ୍ରତି ପରିବାରରୁ ଜଣେ ହିସାବରେ ପ୍ରାୟ ୩୦୦୦ ମହିଳା ସମବାୟ ଗୁଡ଼ିକରେ ସଭ୍ୟପଦ ଗ୍ରହଣ କରିଛନ୍ତି । ଆଗାମୀ ଦିନ ମାନଙ୍କରେ ନିଜ ଗାଁ / ଅଞ୍ଚଳର ଏଭଳି ସବୁ ପରିବାରକୁ ସମବାୟ ସଙ୍ଗଠନରେ ସାମିଲ୍ କରିବା ପାଇଁ ଏମାନେ ଅଙ୍ଗୀକାରବଦ୍ଧ ।

* **ମୁଖ୍ୟ ସେବା:** ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ ଓ କିଣା-ବିକା କ୍ଷେତ୍ରରେ ଥିବା ଅସୁବିଧା ଗୁଡ଼ିକ ଦୂର କରିବା ଉଦ୍ଦେଶ୍ୟରେ ଏହି ସମବାୟ ଗୁଡ଼ିକ ଗଠିତ ହୋଇଛି । ଏଣୁ ସଭ୍ୟ ମାନେ ସଂଗ୍ରହ କରୁଥିବା ଦ୍ରବ୍ୟ ଗୁଡ଼ିକର ସମବାୟରେ ସଂଗ୍ରହ, ବିକ୍ରୀ ତଥା ଉଚିତ ମୂଲ୍ୟ ପ୍ରଦାନ ଏହି ସମବାୟ ଗୁଡ଼ିକର ମୁଖ୍ୟ ସେବା ।

* **ବ୍ୟବସାୟ ଢ଼ାଞ୍ଚା:** ସମବାୟଗୁଡ଼ିକ ନିଜର ବ୍ୟବସାୟ 'ଦ୍ରବ୍ୟର ଜମା ସଂଗ୍ରହ ଏବଂ ବିକ୍ରୀ' ସିଦ୍ଧାନ୍ତ ଆଧାରିତ । ଅର୍ଥାତ୍ ସମବାୟ ବ୍ୟବସାୟରେ ଦ୍ରବ୍ୟ କିଣାଯାଏ ନାହିଁ । ସଭ୍ୟମାନେ ନିଜେ ସଂଗ୍ରହ କରିଥିବା ଦ୍ରବ୍ୟ ସମବାୟରେ ଜମା କରିଥାନ୍ତି ଏବଂ ପ୍ରତିବଦଳରେ ଏକ ଅଗ୍ରୀମ ମୂଲ୍ୟ ଗ୍ରହଣ କରିଥାନ୍ତି । ସମବାୟ ଏହି ଦ୍ରବ୍ୟକୁ ବିକ୍ରୀ କରିସାରିଲା ପରେ ସଭ୍ୟମାନଙ୍କୁ ଚୂଡ଼ାନ୍ତ ସଂଗ୍ରହ ମୂଲ୍ୟ ପ୍ରଦାନ କରିଥାଏ । ଏତଦ୍ୱାରା ସମବାୟ ଗୁଡ଼ିକ ସ୍ୱଳ୍ପ କାର୍ଯ୍ୟକାରୀ ପୁଞ୍ଜିରେ ବ୍ୟବସାୟ ସମ୍ପନ୍ନ କରିବା ପାଇଁ ସକ୍ଷମ ହୁଅନ୍ତି ତଥା ବେଳେ ବେଳେ ବଜାରର ଆଘାତ ଯାହା ଅଣ-ଆକାଂକ୍ଷିତ ତାକୁ ମଧ୍ୟ ସହନ କରିପାରନ୍ତି ।

* **ସଂଗ୍ରହନୀତି:** ପ୍ରତ୍ୟେକ ବ୍ୟବସାୟ ପୂର୍ବରୁ ସମବାୟ ଗୁଡ଼ିକ ସେହି ଦ୍ରବ୍ୟ ପାଇଁ ଏକ ସ୍ୱତନ୍ତ୍ର ସଂଗ୍ରହନୀତି ପ୍ରସ୍ତୁତ କରିଥାନ୍ତି । ଏହି ସଂଗ୍ରହନୀତିରେ ଦ୍ରବ୍ୟର ଗୁଣମାନ, ସଂଗ୍ରହ ଅବଧି ତଥା ସ୍ଥାନ, ସଂରକ୍ଷଣ, ନଥିକରଣ, ତଦାରଖର ବ୍ୟବସ୍ଥା ଓ ଦାୟିତ୍ୱ ସ୍ପଷ୍ଟ ଉଲ୍ଲେଖିତ ହୋଇଥାଏ ଏବଂ ଏହି ଆଧାରରେ ଜମା-ସଂଗ୍ରହ ହୋଇଥାଏ ।

* **ବ୍ୟବସାୟିକ ବଳକା:** ବିଗତ ୫ବର୍ଷ ଭିତରେ ଅଧିକାଂଶ ପ୍ରାଥମିକ ସମବାୟ ନିଜର ସଭ୍ୟମାନେ ସଂଗ୍ରହ କରୁଥିବା ଦ୍ରବ୍ୟର ମୂଲ୍ୟ ପ୍ରଦାନ ପରେ ଏକ ବଳକା ସୃଷ୍ଟି କରିପାରିଛନ୍ତି। ଏତଦ୍ ବ୍ୟତୀତ, ନିଜର ବ୍ୟବସାୟିକ ଖର୍ଚ୍ଚ ତଥା ପରିଚାଳନା ପାଇଁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବନଶୀଳ ହୋଇପାରୁଛନ୍ତି। ସମବାୟ-ସଂଘ ଗୁଡ଼ିକ ମଧ୍ୟ ଏ ଦିଗରେ ଅଗ୍ରସର ହେଉଛନ୍ତି ଏବଂ ଆଗାମୀ ୩ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

* **ଜୀବିକା-କେନ୍ଦ୍ର:** ଆଗାମୀ ଦିନ ମାନଙ୍କରେ କେବଳ ଜଙ୍ଗଲ-ଜାତ ଦ୍ରବ୍ୟର ସଂଗ୍ରହ ଓ ବିକ୍ରୀ ମଧ୍ୟରେ ସୀମିତ ନରହି, ଏହି ସଙ୍ଗଠନ ମାଧ୍ୟମରେ ସଭ୍ୟମାନଙ୍କର ଅନ୍ୟାନ୍ୟ ଜୀବିକାଗତ ଆବଶ୍ୟକତା ଗୁଡ଼ିକୁ କିପରି ସମ୍ବୋଧିତ କରାଯିବ ତା ଉପରେ ବିଚାର-ବିମର୍ଷ ଆରମ୍ଭ ହୋଇଛି। ଭବିଷ୍ୟତରେ ଏହି ସଙ୍ଗଠନକୁ ସଭ୍ୟମାନଙ୍କର ଏକ ଜୀବିକା-କେନ୍ଦ୍ରରେ ପରିବର୍ତ୍ତିତ କରିବା ଲକ୍ଷ୍ୟ ରହିଛି।

## ପ୍ରକ୍ରିୟାର ଉପଲବ୍ଧି:

* ବିଗତ ୮ବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ଜଙ୍ଗଲ କ୍ଷେତ୍ରରେ ସ୍ୱାବଲମ୍ବୀ ସମବାୟର ଭିତ୍ତି ସ୍ଥାପନ କରିପାରିଛି। ଯଦ୍ୱାରା ଅସଙ୍ଗଠିତ ଜଙ୍ଗଲଜୀବିମାନେ ଏକାଠି ହୋଇପାରିଛନ୍ତି।

* ଶିଆଳୀ ପତ୍ର ଭଳି ବନଜାତ ଦ୍ରବ୍ୟର ବ୍ୟବସାୟ କ୍ଷେତ୍ରରେ ଏହି ସଙ୍ଗଠନଗୁଡ଼ିକ ବଜାରକୁ ବହୁମାତ୍ରାରେ ପ୍ରଭାବିତ କରିପାରିଛନ୍ତି।

* ସ୍ଥାନୀୟ ଅର୍ଥନୀତିର ବିକାଶ ପାଇଁ ଏକ ସ୍ଥାନୀୟ ସହଯୋଗୀ-ଦଳ ସୃଷ୍ଟି ହୋଇପାରିଛି। ଏହି ସ୍ଥାନୀୟ ସହଯୋଗୀମାନେ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ତଥା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ କରୁଛନ୍ତି ତଥା ସ୍ଥାନୀୟ ସ୍ତରର ସମସ୍ୟା ଗୁଡ଼ିକର ମୁକାବିଲା କରିବା ଦିଗରେ ସମବାୟ ଗୁଡ଼ିକୁ ସହଯୋଗ କରୁଛନ୍ତି।

* ଏହି ପ୍ରକ୍ରିୟାରେ ସମବାୟର ସଭ୍ୟମାନଙ୍କ ମଧ୍ୟରୁ ସ୍ୱାଭାବିକ ନେତୃତ୍ୱର ଉଦୟ ହୋଇଛି। ଏମାନେ ଅନ୍ୟାନ୍ୟ ସାମାଜିକ-ସମସ୍ୟା ଗୁଡ଼ିକୁ ମଧ୍ୟ ସ୍ୱତଃ ସମ୍ବୋଧିତ କରିପାରୁଛନ୍ତି।

* ସମବାୟଗୁଡ଼ିକରେ ସଭ୍ୟମାନେ ମହୁଲ, ତେନ୍ତୁଳି, ଚାର, ଶିଆଳୀପତ୍ର ଓ ଶାଳଖଲି ଆଦି ବନଜାତ ଦ୍ରବ୍ୟ ସଂଗ୍ରହ କରୁଛନ୍ତି। ସମବାୟ ସଂଘଗୁଡ଼ିକ ସାହାଯ୍ୟରେ ସଭ୍ୟ ସମବାୟଗୁଡ଼ିକ ଦ୍ୱାରା ସଂଗୃହୀତ ଦ୍ରବ୍ୟର ବିକ୍ରି ସ୍ଥାନୀୟ ତଥା ଦୂର ବଜାରରେ କରାଯାଇ ପାରିଛି।

* ଉକ୍ତ ଦ୍ରବ୍ୟଗୁଡ଼ିକର ସଂଗ୍ରହ ବ୍ୟବସ୍ଥାରେ ସାମିଲ ହୋଇଥିବା ସଭ୍ୟମାନେ ସଠିକ ଓଜନ ଓ ମାପର ବ୍ୟବହାର କରିପାରିଛନ୍ତି। ଏତଦ୍ୱାରା ମାପ / ଓଜନରେ ବେପାରୀମାନଙ୍କୁ ଠିକଣା ଜବାବ୍ ଦେଇ ପାରିଛନ୍ତି।

* ସଭ୍ୟମାନେ ନିଜ ସମବାୟରେ ସଂଗ୍ରହ କରିଥିବା ଦ୍ରବ୍ୟ ପାଇଁ ଏକ ସ୍ଥିର ମୂଲ୍ୟ ପାଇ ପାରୁଛନ୍ତି। ସଭ୍ୟ ପିଛା ବାର୍ଷିକ ହାରାହାରି ୧୫୦୦ଟଙ୍କା ଆୟ ବୃଦ୍ଧି ହୋଇ ପାରିଛି।

* ପ୍ରତ୍ୟେକ ସମବାୟରୁ ଡାଇରେକ୍ଟର ଓ କର୍ମଚାରୀମାନେ ସମବାୟଶିକ୍ଷା ଓ ତାଲିମ ପାଇପାରିଛନ୍ତି। ସମବାୟର ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ପ୍ରତ୍ୟେକ ସମବାୟର ସମୀକ୍ଷା ଏବଂ ତଦାରଖ ବ୍ୟବସ୍ଥାର ବିକାଶ ହୋଇଛି ତଥା ଏହାକୁ କାର୍ଯ୍ୟକାରୀ କରିବାପାଇଁ ଏକ ନିର୍ଦ୍ଧାରିତ ମାସିକ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି।

* ୫ଟି ପ୍ରାଥମିକ ସମବାୟ ପଞ୍ଜିକୃତ ହୋଇ ସାରିଥିବା ବେଳେ ଅଧିକାଂଶ ପ୍ରାଥମିକ ସମବାୟ ଓ ବନଜା ବାଣିଜ୍ୟ ସଂଘ ପଞ୍ଜିକରଣ ପାଇଁ ନିୟମାବଳୀ ପ୍ରସ୍ତୁତ କରିସାରିଛନ୍ତି।

## ବର୍ତ୍ତମାନର ଆହ୍ୱାନ:

ଏହି ପ୍ରକ୍ରିୟାଟି ସମ୍ପୂର୍ଣ୍ଣ-ରୂପେ କଣ୍ଟକ-ବିହୀନ ବା ଆହ୍ୱାନମୁକ୍ତ ନୁହେଁ। ସମବାୟ ଗୁଡ଼ିକ ପ୍ରତି ପଦକ୍ଷେପରେ ନିମ୍ନଲିଖିତ ଆହ୍ୱାନର ସମ୍ମୁଖିନ ହେଉଛନ୍ତି।

* ହାତ-ଗଣତି ବ୍ୟବସାୟୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ଲଘୁ ବନଜାତ ଦ୍ରବ୍ୟର ଶୋଷଣ ଯୁକ୍ତ ବଜାର ଦ୍ୱାରା ସୃଷ୍ଟି କୃତ୍ରିମ ସମସ୍ୟା।

* ସମବାୟର ସଭ୍ୟମାନଙ୍କ ମଧ୍ୟରେ ଉଚ୍ଚ-ହାରର ନିରକ୍ଷରତା ତଥା ସ୍ୱଳ୍ପ ସ୍ମରଣ ଶକ୍ତି। ସେମାନେ ନିତି ଦିନିଆ ଜୀବନ-ଚର୍ଯ୍ୟା ବାହାରକୁଆସି ସ୍ଥାନୀୟ ରାଜନୈତିକ-ଅର୍ଥନୀତି ସମ୍ପର୍କରେ ନିଜର ବୁଝାମଣା ସୃଷ୍ଟି କରିବା ତଥା ସଙ୍ଗଠନକୁ ଗତିଶୀଳ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ବୃଦ୍ଧି।

* ସଙ୍ଗଠନ ମଧ୍ୟରେ ପ୍ରକୃତ ଗଣତନ୍ତ୍ରର ସ୍ଥାପନା ଯାହା ସଙ୍ଗଠନ ମଧ୍ୟରେ ସ୍ୱାଭାବିକ ନେତୃତ୍ୱର ଅଭ୍ୟୁଦୟ କରାଇବା ସହ ଏହାକୁ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ କରିପାରିବ। ଏତଦ୍ୱାରା ସଙ୍ଗଠନଗୁଡ଼ିକ ସ୍ୱଳ୍ପ ମିଆଦି ଆର୍ଥିକ-ଲାଭର ଲୋଭ ଆଡ଼କୁ ପ୍ରେରିତ ନ ହୋଇ ଅର୍ଥନୀତିର ଗଣତାନ୍ତ୍ରିକରଣ ଭଳି ବୃହତ୍ତର ପ୍ରକ୍ରିୟା ଅଭିମୁଖୀ ହେବ, ଯେଉଁଠି ସଭ୍ୟମାନେ ଗଣତାନ୍ତ୍ରିକ ଭାବରେ ପରିଚାଳନା କରୁଥିବା ନିଜ ସଙ୍ଗଠନ ମାଧ୍ୟମରେ ନିଜର ଜୀବନ, ଜୀବିକା ତଥା ଅର୍ଥନୀତିର ନିୟନ୍ତ୍ରଣ କରିପାରିବେ।

**ଭବିଷ୍ୟତ ଅନୁଚିନ୍ତା:**

ସମବାୟ ମାଧ୍ୟମରେ ସଭ୍ୟମାନଙ୍କର ଆଞ୍ଚଳିକ ଅର୍ଥନୀତି ଉପରେ ପ୍ରଭାବ ବୃଦ୍ଧି କରାଯାଇପାରିଛି ଯାହାଦ୍ୱାରା ସମବାୟ ପ୍ରକ୍ରିୟା ଏକ ଆନ୍ଦୋଳନର ରୂପ ନେବା ଆରମ୍ଭ କରିଛି। ଭବିଷ୍ୟତରେ କେବଳ ଜଙ୍ଗଲଜାତ ଦ୍ରବ୍ୟର କାରବାର ମଧ୍ୟରେ ସୀମିତ ନ ରହି, ସାମଗ୍ରୀକ ଜୀବିକାର ସୁରକ୍ଷା ଓ ଉନ୍ନତି ପାଇଁ ସମବାୟରେ ଏକ ଚିନ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିର୍ବିବାଦରେ କୁହାଯାଇପାରେ ଯେ ସମବାୟ ପ୍ରକ୍ରିୟା ଏହି ଅଞ୍ଚଳରେ ଦଳିତ ଓ ଶୋଷିତ – ବର୍ଗର ଲୋକଙ୍କ ମଧ୍ୟରେ ଏକ ଉତ୍ସାହ ଓ ଉଦ୍ଦିପନା ଆଣି ଦେଇ ପାରିଛି।

ଆଜିର ପରିସ୍ଥିତିରେ ପ୍ରାକୃତିକ ସମ୍ବଳ ଆଧାରିତ ଜୀବିକାର ନିରନ୍ତରତା, ନିୟନ୍ତ୍ରଣ ଓ ଲୋକ ଅର୍ଥନୀତିର ପ୍ରତିଷ୍ଠାପାଇଁ ଏହି ସମବାୟ ଆନ୍ଦୋଳନ ସମଗ୍ର ରାଜ୍ୟରେ ତଥା ଦେଶରେ ବ୍ୟାପକ ରୂପ ନେବାର ଆବଶ୍ୟକତା ରହିଛି।

*କବିତା.....*

# ଜାଗ ହେ ମାଆ ଭଉଣୀ

ଜଙ୍ଗଲ ଦରବ କରୁଛୁ ସଂଗ୍ରହ
କେତେ ଦୁଃଖ କଷ୍ଟ ସହି ।
ବଜାରେ ବେପାରୀ ମଉଜେ ଖେଳଇ
ଆମ ଦରବକୁ ବିକି ।୧।

ହୋଇଣ ହତାଶ ନିରାଶ ମୁହଁରେ
ବାଧକ କରେ ଦେବାକୁ ।
ଏକା ଚକ୍ରବର୍ତ୍ତୀ ଶୋଷଣ ଦୁର୍ନୀତି
ଗରୀବର ଚିରେ ବୁକୁ ।୨।

ଦିନସାରା ଖଟି ଖଟଣୀ ତା ସାର
ବୃଥାହୁଏ ତା'ର ଫଳ ।
ଚାଖଣ୍ଡେ ପେଟକୁ ଦାନା ବି ଅଣ୍ଟୁନି
ବେପାରୀ ମେଲିଛି ଜାଲ ।୩।

ଠକେଇ ଦୁର୍ନୀତି ତାର ଚିର ସାଥି
ବଳ କଉଶଳ ଟାଣ ।
ଗରୀବର ଧନ ହୁଏ କୋଟିପତି
କୋଠାଘର ଗାଡ଼ି ଯାନ ।୪।

କେତେଦିନ ଆଉ ସହିବା ଅନ୍ୟାୟ
ଜାଗ ହେ ମାଆ ଭଉଣୀ ।
ନୂତନ ଉପାୟ ଆମ ସମବାୟ
ବାଟ ଦେଖାଉଛି ଜାଣି ।୫।

ସମବାୟ ସଂଗଠନ ଗଢ଼ିଦେବା
ହାତରେ ମିଳାଇ ହାତ ।
ଜୟ ସମବାୟ ଜୟ ସମବାୟ
ଧରାହେଉ ନିନାଦିତ ।୬।

*ମଳୟ ରଞ୍ଜନ ସାମନ୍ତରାୟ*

# ଅନ୍ୟାୟରୁ ମୁକ୍ତ ହେବା ପାଇଁ

ଏ ଧରା ପୃଷ୍ଠରେ ବଞ୍ଚିବାକୁ ହେଲେ
ଅନେକ ଝଡ଼ ଝଞ୍ଜାର ସାମ୍ନା କରିବାକୁ ପଡ଼େ
ଏ ମଣିଷ ସମାଜକୁ ।

କେଉଁ ଆବାହମାନ କାଳରୁ କେଜାଣି
ଚାଲି ଆସିଛି ଶୋଷଣ ଦୁର୍ନୀତି
ଅଭାବ - ଅନାଟନ ସର୍ବଗ୍ରାସୀ ବିନାଶର ଖେଳ ।

ଦୁଇ ହଜାର ଏକ ମସିହା ସମବାୟ ଆଇନ୍
ନୀରିହ ଗରୀବ ଆଦିବାସୀଙ୍କ ମୁହଁରେ
ହସ ଫୁଟାଇବାକୁ ।

ଅନ୍ୟାୟରୁ ମୁକ୍ତ ହେବା ପାଇଁ
ଶକ୍ତି ରୂପିଣୀ ମା ଓ ଭଉଣୀମାନେ
ନିଜର ହକ୍ ଜାହିର କରିବାପାଇଁ ବାହାର କଲେ ଉପାୟ ।

ନିଜ ସଂଗୃହୀତ ଦ୍ରବ୍ୟ ନଦେଇ କାହାକୁ
ନିଜେ ଏକାଠି ଜମା କରନ୍ତି
ସାଇତି ରଖନ୍ତି ଯତନ କରନ୍ତି ଦାୟିତ୍ୱ ନିଜେ ନିଅନ୍ତି ।

ଦ୍ରବ୍ୟ ପରିମାଣ ହୋଇଲେ ଅଧିକ
ମୂଲଚାଲ ହୁଏ ବଡ଼ ବେପାରୀର ପାଖେ ।
ଯାହା ହୁଏ ଲାଭକ୍ଷତି ସବୁ ତାଙ୍କରି

ଶୋଷଣରୁ ମୁକ୍ତି ପାଇଁ
ଅହରହ ଚାଲିଛି ସଂଗ୍ରାମ ।

*ଯୁଧିଷ୍ଠିର ପ୍ରଧାନ*

*ଅନୁଭୂତିରୁ ଶିକ୍ଷା...*

# ଅବକାରୀ ଅଧିକାରୀ ଶେଷରେ ବୁଝିଲେ.. .. ..

୨୦୦୭ମସିହା ରେ ବନବାସୀ ମହିଳା ପ୍ରାଥମିକ ସମବାୟ, ନେତ୍ରାବାହାଲର ସଭ୍ୟାମାନେ ଏକାଠି ମହୁଲ ବ୍ୟବସାୟ କରିବାର ନିଷ୍ପତ୍ତି ନେଇ ଗାଁ'ରେ ଥିବା ଜଣେ ସଭ୍ୟାଙ୍କ ଘରେ ସମସ୍ତ ମହୁଲ ଏକାଠି ରଖିଥିଲେ, ଯାହାକି ପରେ ଉଚ୍ଚ ବଜାର ଦରରେ ବିକ୍ରି କରାଯାଇଥାନ୍ତା। ଏହା ଭିତରେ ସେହିବର୍ଷ ଅର୍ଥାତ୍ ୨୦୦୭ ମସିହା ଜୁଲାଇ ମାସରେ ଅବକାରୀ ବିଭାଗର କିଛି କର୍ମଚାରୀ ନେତ୍ରାବାହାଲ ଗ୍ରାମକୁ ଯାଇ ଅନ୍ୟାୟ ଭାବରେ ସମବାୟ ସଭ୍ୟାମାନଙ୍କ ମହୁଲ ଗୋଦାମ ଉପରେ ଚଢ଼ାଉ କଲେ। ସେମାନେ କହିଲେ ଯେ ଅବକାରୀ ନୀତି ଅନୁଯାୟୀ ଗୋଟିଏ ଗୋଦାମରେ ଏତେ ମହୁଲ ରଖିବା ମନା। ସମବାୟର ମହିଳା ସଭ୍ୟାମାନେ ତା'ର ଦୃଢ଼ ପ୍ରତିବାଦ କଲେ ଓ ଅବକାରୀ କର୍ମଚାରୀଙ୍କୁ ସମବାୟର ନୀତି ନିୟମ ଓ ଅବକାରୀ ନୀତିରେ ଥିବା ବ୍ୟକ୍ତିଗତ ସଂରକ୍ଷଣର କ୍ଷମତାକୁ ବୁଝାଇଲେ। ଗୋଟିଏ ଜାଗାରେ ମହୁଲ ସବୁ ଏକାଠି ରଖାଯାଇଥିଲେ ମଧ ଏହା ସମବାୟର ସମସ୍ତ ସଭ୍ୟାଙ୍କ ସଂଗୃହୀତ ମହୁଲ ବୋଲି ସେମାନେ କହିଥିଲେ। ସେଥିରେ ଶ୍ରୀମତି ନଳିନୀ ମହାକୁଡ଼ ଯିଏ କି ସେହି ସମବାୟ ସଙ୍ଗେ ସଙ୍ଗେ ସମବାୟ ସଙ୍ଘର ସଭାପତି ଥିଲେ, ମୂଖ୍ୟ ଭୂମିକା ନିଭେଇଥିଲେ। ସେହି ଅବକାରୀ କର୍ମଚାରୀମାନେ ସଭ୍ୟମାନଙ୍କ ବୁଝାମଣା ଓ ସଙ୍ଗଠନ ଦ୍ୱାରା ପ୍ରଭାବିତ ହୋଇ ଫେରି ଯାଇଥିଲେ। ଏହି ଅଧ୍ୟାୟ ସମବାୟ ସଭ୍ୟମାନଙ୍କ ମଧ୍ୟରେ ଅଧିକ ଆତ୍ମବିଶ୍ୱାସ ଆଣିଦେଇ ପାରିଥିଲା।

**ବନବାସୀ ପ୍ରାଥମିକ ମହିଳା ସମବାୟ ଲିଃ,**
**ନେତ୍ରାବାହାଲ, ବାରକୋଟ, ଦେବଗଡ଼**

# ହୀରାମଣି ଆଖି ଖୋଲିଦେଲେ...

ସମବାୟ ପ୍ରକ୍ରିୟାର ଲାଭ ଉପରେ ଠିକ୍ ଭାବରେ ହୃଦ୍‌ବୋଧ କରିନଥିବା ଜଣେ ସଭ୍ୟା କିପରି ପରେ ହୃଦୟଙ୍ଗମ କଲେ, ତା' ଉପରେ ଟୁସୁଳାର ହୀରାମଣି ବଣିଚୁଳ ଏପରି ଭାବରେ କହନ୍ତି। ଜଣେ ସଭ୍ୟା ନିଜ ପାଖରେ ରଖିଥିବା ସମସ୍ତ ଶାଳମଞ୍ଜିକୁ ସମବାୟ ମାଧ୍ୟମରେ ବିକ୍ରି ନକରି ବେପାରୀକୁ ବିକିବା ପାଇଁ ଇଚ୍ଛା କଲେ। ତାଙ୍କୁ ବହୁତ ବୁଝାଇବା ପରେ ବି ସେହି ସଭ୍ୟାଜଣକ ସମବାୟ ମାଧ୍ୟମରେ ବିକ୍ରି କରିବାକୁ ଅନିଚ୍ଛୁକ ଥିଲେ। ଶେଷରେ ତାଙ୍କୁ ସମବାୟର କଣ୍ଟାପଲାରେ ନିଜ ଜିନିଷର ଓଜନ କରି ବେପାରୀ ପାଖକୁ ଦେବାକୁ ଅନୁରୋଧ କଲେ ଓ ସମବାୟରେ ଓଜନ କରିବାରୁ ତାହା ୨୩୦କି.ଗ୍ରା. ହେଲା। ସେହି ସଭ୍ୟାଜଣଙ୍କ ନିଜ ଦ୍ରବ୍ୟର ଓଜନ ବେପାରୀ ପାଖରେ କରିବାରୁ ତାହା ୧୫୦ କି.ଗ୍ରା. ହେଲା। ଏଇ ଏକ ଛୋଟିଆ ଉଦାହରଣରୁ ଜଣାପଡ଼େ ଯେ ସ୍ଥାନୀୟ ବେପାରୀମାନେ ଓଜନରେ କେତେ ଠକୁଛନ୍ତି। ଯଦିବା ସେମାନ ଟିକେ ଅଧିକା ବଜାର ଦରରେ କିଣିବା ପାଇଁ କହୁଛନ୍ତି ହେଲେ ଏମିତି ଭାବରେ ଓଜନରେ ଠକି ସାଧାରଣ ଲୋକଙ୍କୁ ଠକୁଛନ୍ତି। ଏମିତି ଏକ ଶିକ୍ଷା ପାଇ ସଭ୍ୟା ଜଣକ ତାଙ୍କର ସମସ୍ତ ଦ୍ରବ୍ୟ ସମବାୟ ମାଧ୍ୟମରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଲେ।

**ବନଲତା ପ୍ରାଥମିକ ମହିଳା ସମବାୟ ଲିଃ,**
**ଟୁସୁକା, ଦେବଗଡ଼**

# କେନ୍ଦୁପତ୍ର ତୋଳାଳୀ ସମବାୟ : ଆଜିର ଆବଶ୍ୟକତା

କେନ୍ଦୁପତ୍ର ପଶ୍ଚିମ ଓ କେନ୍ଦ୍ର ଓଡ଼ିଶାର ଅଧିକାଂଶ ଜିଲ୍ଲାର ଗରିବ ଗ୍ରାମବାସୀମାନଙ୍କ ପାଇଁ ଖରାଦିନର ଭାତହାଣ୍ଡି। କୌଣସି କାମଧନ୍ଦା ମିଳୁ ନଥିବା ବେଳେ ବୈଶାଖ-ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପକୁ ବେଖାତିର କରି ଲକ୍ଷ ଲକ୍ଷ ପରିବାର କେନ୍ଦୁପତ୍ର ସଂଗ୍ରହ କାମରେ ନିଜକୁ ନିୟୋଜିତ କରିଥାନ୍ତି। ଏହି ସମୟରେ କେନ୍ଦୁପତ୍ର ସଂଗ୍ରହ ଓ ବିକ୍ରୀ ସେମାନଙ୍କର ଏକ ମୁଖ୍ୟ ଜୀବିକା। କେନ୍ଦୁପତ୍ର ବ୍ୟବସାୟର ସମସ୍ତ କାର୍ଯ୍ୟ, ଯଥା-ଗୋଛାକଟେଇ, ପତ୍ରତୋଳା, ଶୁଖା-ରଖା, ବନ୍ଧେଇ ଆଦି ପ୍ରତ୍ୟେକ କ୍ଷେତ୍ରରେ କେନ୍ଦୁପତ୍ର ଶ୍ରମଜୀବିମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛନ୍ତି।

ନିକଟ ଅତୀତରେ ସ୍ୱେଚ୍ଛାସେବୀ ସଂଗଠନ 'ବସୁନ୍ଧରା', ଭୁବନେଶ୍ୱର ଏବଂ କେନ୍ଦୁପତ୍ର ତୋଳାଳୀମଞ୍ଚ, ଓଡ଼ିଶାର ମିଳିତ ଉଦ୍ୟମରେ କେନ୍ଦୁପତ୍ର ଆଧାରିତ ଜୀବିକା ଉପରେ ଏକ ଅନୁଧ୍ୟାନ କରାଯାଇଥିଲା। ଏହି ଅନୁଧ୍ୟାନ ଅନୁସାରେ ସମଗ୍ର ଦେଶରେ ଉତ୍ପାଦିତ ହେଉଥିବା କେନ୍ଦୁପତ୍ରର ୧୪-୧୭% ଓଡ଼ିଶାରେ ଉତ୍ପାଦିତ ହୋଇଥାଏ ଏବଂ ଏହି ପତ୍ରର ପ୍ରକ୍ରିୟାକରଣ କରାଯାଉଥିବା ହେତୁ ଏହା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉତ୍କୃଷ୍ଟ ମାନର ହୋଇଥାଏ। ଏହି ଅନୁଧ୍ୟାନରୁ ମିଳିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ନିମ୍ନୋକ୍ତ ସାରଣୀରେ ପ୍ରଦାନ କରାଗଲା।

| | | | |
|---|---|---|---|
| କେନ୍ଦୁପତ୍ର ସର୍କଲ ସଂଖ୍ୟା | ୩ | ହାରାହାରି ବାର୍ଷିକ ସଂଗ୍ରହ ପରିମାଣ | ୪,୫୦,୦୦୦ କ୍ୱି |
| କେନ୍ଦୁପତ୍ର ଡ଼ିଭିଜନ ସଂଖ୍ୟା | ୧୯ | ଆନୁମାନିକ ଉତ୍ପାଦନ କ୍ଷମତା | ୧୦,୦୦,୦୦୦କ୍ୱି |
| କେନ୍ଦୁପତ୍ର ମିଳୁଥିବା ସବ୍-ଡିଭିଜନ ସଂଖ୍ୟା | ୫୦ | ପତ୍ର ସଂଗ୍ରହ ମୂଲ୍ୟ ବାବଦକୁ ବାର୍ଷିକ ବ୍ୟୟ | ୩୦-୩୫ କୋଟି ଟଙ୍କା |
| କେନ୍ଦୁପତ୍ର ଫଡ଼ି ସଂଖ୍ୟା | ୮୦୦୦ | ମୋଟ ଶ୍ରମ ଦିବସ ସୃଷ୍ଟି | ୩କୋଟି |
| କେନ୍ଦୁପତ୍ର ମିଳୁଥିବା ଗ୍ରାମ ସଂଖ୍ୟା | ୪୦,୦୦୦ | କେନ୍ଦୁପତ୍ର ଉତ୍ପାଦିତ ହେଉଥିବା ଜମି ପରିମାଣ | ୬ ଲକ୍ଷ ହେକ୍ଟର |
| ଅଣ ଜଙ୍ଗଲ ଜମିରୁ ସଂଗୃହୀତ ହେଉଥିବା କେନ୍ଦୁପତ୍ର ପରିମାଣ | ୬୪.୨୨% | ଅନ୍ୟାନ୍ୟ କାର୍ଯ୍ୟକାରୀ ଖର୍ଚ୍ଚ | ୫୦-୫୫ କୋଟି ଟଙ୍କା |
| ତୋଳାଳୀ ସଂଖ୍ୟା | ୨୦,୦୦,୦୦୦ | କେନ୍ଦୁପତ୍ରର କି.ଗ୍ରା. ପ୍ରତି ବିକ୍ରୀ ମୂଲ୍ୟ (ଯାହା ଭିନ୍ନ ଭିନ୍ନ ମାନ ପାଇଁ ଭିନ୍ନ ଭିନ୍ନ | ୩୦-୮୦ଟଙ୍କା |
| ଅନ୍ୟାନ୍ୟ କର୍ମଚାରୀ ସଂଖ୍ୟା | ୩୦,୦୦୦ | କେନ୍ଦୁପତ୍ରରୁ ସରକାରଙ୍କ ବାର୍ଷିକ ଆୟ | ୧୫୦ କୋଟି |

ଏତଦ୍‌ବ୍ୟତୀତ, କେନ୍ଦୁପତ୍ର ସମ୍ପର୍କୀତ ଏହି ଅନୁଧ୍ୟାନରୁ ମିଳିଥିବା ଅନ୍ୟାନ୍ୟ ତଥ୍ୟକୁ ଆଧାରକରି ନିମ୍ନୋକ୍ତ ଲେଖାଟି ପ୍ରସ୍ତୁତ କରାଯାଇଛି। ଯାହା କେନ୍ଦୁପତ୍ର ଆଇନ ଓ ଏହାର କାର୍ଯ୍ୟକାରିତା, କେନ୍ଦୁପତ୍ର ଶ୍ରମଜୀବିମାନଙ୍କର ସମସ୍ୟା ତଥା କେନ୍ଦୁପତ୍ର ଆଧାରିତ ଜୀବିକାର ସୁରକ୍ଷା ଓ ଉନ୍ନତି ପାଇଁ ଆଜିର ପରିସ୍ଥିତିରେ ଆବଶ୍ୟକୀୟ ନୀତି ଓ ବ୍ୟବସ୍ଥାଗତ ପରିବର୍ତ୍ତନକୁ ସୂଚୀତ କରୁଛି।

**କେନ୍ଦୁପତ୍ର ଆଇନ ଓ ଏହାର କାର୍ଯ୍ୟକାରିତା:**

କେନ୍ଦୁପତ୍ର ନିୟନ୍ତ୍ରଣ ଆଇନ୍, ୧୯୬୧ ଜଙ୍ଗଲ, ଅଣ ଜଙ୍ଗଲ, ସାଧାରଣ ଜମି ଏବଂ ଏପରିକି ଘରୋଇ ପଟା-ଜମି ଉପରେ ଥିବା କେନ୍ଦୁପତ୍ର ଉପରେ କେବଳ ରାଷ୍ଟ୍ରର ଅଧିକାରକୁ ସ୍ୱୀକୃତି ଦେଇଛି। ଏହି ଆଇନ ଅଧିନରେ ୧୯୭୩ ମସିହାରେ ଓଡ଼ିଶା ସରକାର କେନ୍ଦୁପତ୍ରକୁ ଜାତୀୟକରଣ କରି ଏହାର ବ୍ୟବସାୟ ପ୍ରତ୍ୟକ୍ଷ

ଭାବରେ ନିଜ ହାତକୁ ନେଇଛନ୍ତି । ସେହି ଦିନଠାରୁ କେନ୍ଦୁପତ୍ର ସଂଗ୍ରହ ଓ ପ୍ରକ୍ରିୟାକରଣ ବନ ବିଭାଗ ଅଧିନସ୍ଥ କେନ୍ଦୁପତ୍ର ବିଭାଗ କରୁଥିବା ବେଳେ ଏହାର ବିକ୍ରୀ ବନ ଉନ୍ନୟନ ନିଗମ କରି ଆସୁଛି ।

ଆମ ରାଜ୍ୟରେ କେନ୍ଦୁପତ୍ର ବ୍ୟବସାୟରେ ବର୍ଷକୁ ହାରାହାରି ପ୍ରାୟ ୧୫୦କୋଟି ଟଙ୍କାର କାରବାର ହେଉଛି । କିନ୍ତୁ ବିଡ଼ମ୍ବନାର ବିଷୟ ଏହିକି ଯେ ଏଥିପାଇଁ ସରକାରୀ ରାଜକୋଷରୁ ସିଧାସଳଖ ଗୋଟିଏ ଟଙ୍କା ମଧ୍ୟ ବ୍ୟୟ କରାଯାଏ ନାହିଁ । କେନ୍ଦୁପତ୍ର ଶ୍ରମଜୀବିମାନଙ୍କର ଶ୍ରମ ତଥା ବ୍ୟାଙ୍କ ଋଣ ଉକ୍ତ କାରବାରର ମୂଳ ପୁଞ୍ଜି ରୂପେ ବ୍ୟବହୃତ ହୋଇଥାଏ । ଅନ୍ୟ ପଟେ, ସରକାରଙ୍କ ପ୍ରଦତ୍ତ ତଥ୍ୟ ଗୁଡ଼ିକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ, କେନ୍ଦୁପତ୍ରର ପ୍ରାଥମିକ ଉତ୍ପାଦନକାରୀ (ତୋଳାଳୀ)ମାନଙ୍କୁ ଦିଆଯାଉଥିବା ପ୍ରତି ଏକ ଟଙ୍କା ପିଛା ହାରାହାରି ସରକାରୀ ରାଜସ୍ୱ ଆୟର ପରିମାଣ ଟ ୨.୫୦ପ. ।

କେନ୍ଦୁପତ୍ର ଆଇନରେ ଅନ୍ୟ ଏକ ବ୍ୟବସ୍ଥା ହେଉଛି କେନ୍ଦୁପତ୍ର ଅନୁଦାନ । ଏହି ବ୍ୟବସ୍ଥା ଅନୁଯାୟୀ କେନ୍ଦୁପତ୍ର ବ୍ୟବସାୟରୁ ମିଳୁଥିବା ଶୁଦ୍ଧ ଲାଭର ୫୦% ପଞ୍ଚାୟତ ସମିତି ତଥା ଗ୍ରାମ ପଞ୍ଚାୟତଗୁଡ଼ିକ ଅନୁଦାନ ଆକାରରେ ପାଇବା ପାଇଁ ହକ୍‌ଦାର୍ ଅଟନ୍ତି । କିନ୍ତୁ, ବର୍ଷ ବର୍ଷ ଧରି, ବାସ୍ତବ ଲାଭର ହିସାବ ହୋଇପାରୁ ନଥିବା ହେତୁ ପ୍ରତିବର୍ଷ ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକୁ କିଛି କିଛି କାମଚଳା ଅନୁଦାନ ଦିଆଯାଉଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହେଉଚି ଯେ ଯତ୍‌କିଞ୍ଚିତ୍ ମିଳୁଥିବା ଅନୁଦାନରୁ ମଧ୍ୟ କେନ୍ଦୁପତ୍ର ଶ୍ରମଜୀବିମାନେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଉପକୃତ ହୋଇପାରୁ ନାହାଁନ୍ତି । କାରଣ, ପଞ୍ଚାୟତ ଅନୁଷ୍ଠାନ ଗୁଡ଼ିକ ମିଳୁଥିବା ଅନୁଦାନକୁ ପ୍ରାୟତଃ ନିଜର ପରିଚାଳନା ବାବଦୀୟ ଖର୍ଚ୍ଚ ତୁଲାଇବା ଦିଗରେ ବ୍ୟୟ କରୁଛନ୍ତି ।

## କେନ୍ଦୁପତ୍ର ସମ୍ପର୍କିତ ଅନ୍ୟାନ୍ୟ ଆଇନ ଓ ସୁଯୋଗ:

୧୯୯୬ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ 'ପେସା' ଆଇନ୍ ଲଘୁବନଜାତ ଦ୍ରବ୍ୟ ହିସାବରେ କେନ୍ଦୁପତ୍ର ଉପରେ ତୋଳାଳୀ ଓ ଅନ୍ୟ ଶ୍ରମଜୀବିମାନଙ୍କର ମାଲିକାନା ଅଧିକାରକୁ ସ୍ୱୀକୃତି ଦେଇଛି । କିନ୍ତୁ, ଏହା କେବଳ ଅନୁସୂଚୀତ ଅଞ୍ଚଳ ମଧ୍ୟରେ ସୀମିତ । ଅଣ-ଅନୁସୂଚୀତ ଅଞ୍ଚଳର ଶ୍ରମଜୀବିମାନେ ଏହି ଆଇନର ଲାଭ ପାଇପାରିବେ ନାହିଁ ।

ପୁନଶ୍ଚ, ଜଙ୍ଗଲ ଅଧିକାର ଆଇନ, ୨୦୦୬ ମଧ୍ୟ ଲଘୁ ବନଜାତ ଦ୍ରବ୍ୟ ହିସାବରେ କେନ୍ଦୁପତ୍ର ଉପରେ ଏହାର ପ୍ରାଥମିକ ଉତ୍ପାଦନକାରୀମାନଙ୍କର ମାଲିକାନା ଅଧିକାରକୁ ସ୍ୱୀକୃତି ନେବାପାଇଁ ପ୍ରତିଶ୍ରୁତି ଦେଉଛି । କିନ୍ତୁ, ଏହି ଆଇନ ଅଧିନରେ ମିଳିବାକୁ ଥିବା ଅଧିକାର କେବଳ ଜଙ୍ଗଲ-ଜମିରେ ଉତ୍ପାଦିତ ହେଉଥିବା କେନ୍ଦୁପତ୍ର ମଧ୍ୟରେ ସୀମିତ । ଅଣ ଜଙ୍ଗଲ-ଜମିରେ ଉତ୍ପାଦିତ କେନ୍ଦୁପତ୍ର ଉପରେ ଉତ୍ପାଦନକାରୀମାନଙ୍କର ଅଧିକାର ବିଷୟରେ ଏହା ନୀରବ । ଅଥଚ, କେନ୍ଦୁପତ୍ର ଉତ୍ପାଦନର ପରିସଂଖ୍ୟାନକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ ଅଣଜଙ୍ଗଲ ଜମିରୁ ମୋଟ ଉତ୍ପାଦନର ୬୪% ମିଳିଥାଏ ।

## ଆଜିର ବାସ୍ତବତା – ଅବହେଳିତ କେନ୍ଦୁପତ୍ର ଶ୍ରମଜୀବି:

କେନ୍ଦୁପତ୍ର ଶ୍ରମଜୀବିମାନଙ୍କର ଜୀବିକାର ସୁରକ୍ଷା ଓ ଉନ୍ନତି ଦିଗରେ ଯଥେଷ୍ଟ ସୁଯୋଗ ଥାଇ ସୁଦ୍ଧା ସେମାନେ ଏଯାବତ୍ ଅବହେଳିତ ହୋଇ ଆସିଛନ୍ତି । କେନ୍ଦୁପତ୍ର ବ୍ୟବସାୟରେ ସମ୍ପୃକ୍ତ ଏହି ଶ୍ରମଜୀବିମାନେ ନିମ୍ନଲିଖିତ ସମସ୍ୟା ଘେରରେ ଛନ୍ଦି ହୋଇ ରହିଛନ୍ତି ।

* ଗୋଛା-କଟେଇ, ପତ୍ରତୋଳା, ବନ୍ଧେଇ ଆଦି ପ୍ରତ୍ୟେକ କ୍ଷେତ୍ରରେ କ୍ରମଶଃ ଶ୍ରମ-ଦିବସକୁ ସଙ୍କୁଚିତ କରାଯାଇ କ୍ଷମତା ମୁତାବକ ଶ୍ରମ-ନିଯୁକ୍ତିକୁ ହ୍ରାସ କରାଯାଉଛି ।
* ସମସ୍ତ କେନ୍ଦୁପତ୍ର ତୋଳାଳୀମାନଙ୍କର ପଞ୍ଜୀକରଣ କରାଯାଉନାହିଁ । ଯଦ୍ୱାରା ପଞ୍ଜୀକୃତ ହେଇ ନଥିବା ତୋଳାଳୀମାନେ ବିଭିନ୍ନ ସୁବିଧା-ସୁଯୋଗ ତଥା ବୀମାଭଳି ସାମାଜିକ-ନିରାପତ୍ତା ବ୍ୟବସ୍ଥାରୁ ବଞ୍ଚିତ ହୋଇ ଆସୁଛନ୍ତି ।
* କେନ୍ଦୁପତ୍ର ଶ୍ରମଜୀବିମାନଙ୍କର ପାଉଣା-ପ୍ରଦାନରେ ଅହେତୁକ ବିଳମ୍ବ ହେଉଛି । ଯଦ୍ୱାରା ସେମାନେ ସେ ସମୟରେ ନିଜର ଜରୁରୀ ଆବଶ୍ୟକତା ଗୁଡ଼ିକର ପରିପୂରଣ କରିପାରୁ ନାହାଁନ୍ତି ।
* କେନ୍ଦୁପତ୍ର ବ୍ୟବସାୟରେ ସ୍ୱଚ୍ଛତା ଓ ଉତ୍ତର-ଦାୟିତ୍ୱର ଅଭାବ ହେତୁ ଦାୟିତ୍ୱରେ ଥିବା ସଂଗଠନ ମଧ୍ୟରେ ଉତ୍ପାଦନଠାରୁ ବଜାର ବ୍ୟବସ୍ଥା ପର୍ଯ୍ୟନ୍ତ ପ୍ରତି କ୍ଷେତ୍ରରେ ଅପାରଗତା କ୍ରମାଗତ ଭାବରେ ବୃଦ୍ଧି ପାଉଛି, ଦୁର୍ନୀତି

ବଢ଼ି ଚାଲିଛି । ଫଳତଃ, କେନ୍ଦୁପତ୍ର ଶ୍ରମଜୀବିମାନେ ନିଜର ନ୍ୟାର୍ଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି, ରାଜ୍ୟର ରାଜସ୍ୱ ମଧ୍ୟ ହାନି ହେଉଛି ।

* ଗତ ୨୦୦୦ ମସିହା ଠାରୁ ଫଡ଼ି ସ୍ତରରେ କାର୍ଯ୍ୟ ଯୋଜନା ପ୍ରସ୍ତୁତି ପରିଚାଳନା ଓ ତଦାରଖ ପାଇଁ ସଂଗଠନିକ ବ୍ୟବସ୍ଥା ସ୍ୱରୂପ ଗଠନ କରାଯାଉଥିବା 'ଫଡ଼ି କମିଟି' ଗୁଡ଼ିକ କେବଳ କାଗଜ କଲମରେ ସୀମିତ ରହୁଛି । ଫଡ଼ି କମିଟିର ସଦସ୍ୟମାନେ ଏହି କମିଟିର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଜାଣିବାତ ଦୂରର କଥା ସେମାନେ କମିଟିର ସଦସ୍ୟ ଅଛନ୍ତି ବୋଲି ମଧ୍ୟ ଜାଣି ପାରୁନାହାଁନ୍ତି ।

**ଉପରୋକ୍ତ ପରିସ୍ଥିତିରେ ସ୍ୱତଃ ପ୍ରଶ୍ନ ଉଠେ –**

* ଜାତୀୟକରଣର ପରିଧି ଭିତରେ କେନ୍ଦୁପତ୍ର ବ୍ୟବସାୟର ମୂଳ ଲକ୍ଷ୍ୟ କ'ଣ ହେବା ଉଚିତ୍ ?
* କେନ୍ଦୁପତ୍ର ବ୍ୟବସାୟର କାର୍ଯ୍ୟକାରୀ ପୁଞ୍ଜି ବ୍ୟାଙ୍କ ଋଣ ମାଧ୍ୟମରେ ବ୍ୟବସ୍ଥିତ ହେଉଥିବା ବେଳେ କେନ୍ଦୁପତ୍ର ଶ୍ରମଜୀବିମାନଙ୍କର ପାଉଣା ପ୍ରଦାନରେ ବିଳମ୍ବ କାହିଁକି ହେଉଛି ?
* କେନ୍ଦୁପତ୍ରର ଉତ୍ପାଦନ ପରିମାଣ କମୁଛି କାହିଁକି ?
* ପ୍ରକ୍ରିୟାକରଣ ବ୍ୟବସ୍ଥା ସତ୍ତ୍ୱେ କେନ୍ଦୁପତ୍ରର ଗୁଣାତ୍ମକମାନ କ୍ରମଶଃ ହ୍ରାସ ପାଉଛି କାହିଁକି ?
* କେନ୍ଦୁପତ୍ର ବ୍ୟବସାୟରେ ଲାଭଧନରେ ଶ୍ରମ-ଜୀବିମାନଙ୍କର ହକ୍ ନାହିଁକି ?
* କେନ୍ଦୁପତ୍ର ଅନୁଦାନ କାହାପାଇଁ ? କ'ଣ ପାଇଁ ? କିଏ ତାର ପ୍ରକୃତ ଅଧିକାରୀ ?
* ଯେଉଁଠି ଫଡ଼ି ନାହିଁ ସେଠି କେନ୍ଦୁପତ୍ର ଆଇନ୍ କ'ଣ ? ସେଠାକାର ତୋଳାଳୀମାନଙ୍କର ଏହି ଜୀବିକା ସୁରକ୍ଷିତ ହେବ କିପରି ?
* କେନ୍ଦୁପତ୍ର ବ୍ୟବସାୟର ବିଭିନ୍ନ କ୍ଷେତ୍ରରେ ଏକ ପ୍ରକାର ପରିଶ୍ରମ ପାଇଁ ଭିନ୍ନ ଭିନ୍ନ ରାଜ୍ୟରେ ପାରିଶ୍ରମିକରେ ତାରତମ୍ୟ/ ଭିନ୍ନତା କାହିଁକି ?

**ଆଜିର ଆବଶ୍ୟକତା:**

ଉପରୋକ୍ତ ପ୍ରଶ୍ନ ଗୁଡ଼ିକ କେନ୍ଦୁପତ୍ର ଆଇନ ଏବଂ ଆଇନ ଅଧିନରେ ହୋଇଥିବା ବିଭିନ୍ନ ବ୍ୟବସ୍ଥାଗତ ତ୍ରୁଟିଗୁଡ଼ିକୁ ଇଙ୍ଗିତ କରେ । କେନ୍ଦୁପତ୍ର ସହ ସିଧାସଳଖ ଜଡ଼ିତ ହୋଇ ରହିଛି ୨୦ଲକ୍ଷ ଲୋକଙ୍କର ଜୀବନ-ଜୀବିକାର ପ୍ରଶ୍ନ ! ଏଣୁ, ଆଜିର ପରିସ୍ଥିତିରେ, ଏହି ପରିପ୍ରେକ୍ଷୀରେ, କେନ୍ଦୁପତ୍ର ଆଇନ ଏବଂ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । କେନ୍ଦୁପତ୍ର ବ୍ୟବସାୟ ସହ ଜଡ଼ିତ ଶ୍ରମଜୀବିମାନଙ୍କର ରୋଜଗାରର ସ୍ଥିରତା ଆଣିବା ସହ ତାଙ୍କର ଏହି ଜୀବିକାକୁ ସୁରକ୍ଷିତ ରଖିବାକୁ ହେଲେ ଏଭଳି ଆଇନ ଓ ବ୍ୟବସ୍ଥା ଆବଶ୍ୟକ ଯାହା ନିମ୍ନଲିଖିତ ଦିଗ ଗୁଡ଼ିକୁ ପ୍ରାଧାନ୍ୟ ଦେଉଥିବ ।

* ତୋଳାଳୀ ଓ ଅନ୍ୟାନ୍ୟ ଶ୍ରମ-ଜୀବି ମାନଙ୍କର ଆୟରେ ନିରନ୍ତରତା, ସାମାଜିକ ନିରାପତ୍ତା ଓ ଲାଭାଂଶରେ ସମୁଚିତ ଭାଗିଦାରୀ ।
* ଫଡ଼ି ସ୍ତରରେ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱ ନିର୍ବାହ ପାଇଁ ତୋଳାଳୀମାନଙ୍କର ଭୂମିକା ଓ ଭାଗିଦାରୀ ସୁନିଶ୍ଚିତ କରୁଥିବା ସଂଗଠନ ।
* 'ପେସା' ଆଇନ ଓ ଜଙ୍ଗଲ ଅଧିକାର ଆଇନ, ୨୦୦୬ ଭଳି ଆଇନ ଗୁଡ଼ିକରେ ପ୍ରଦତ୍ତ ଅଧିକାର ପ୍ରଦାନ ଓ ଅଣ-ଅନୁସୂଚୀତ ଅଞ୍ଚଳ ତଥା ଅଣ-ଜଙ୍ଗଲ ଜମିରେ ଉତ୍ପାଦିତ କେନ୍ଦୁପତ୍ର ପାଇଁ ଏଭଳି ଆଇନଗତ ଅଧିକାରର ସମ୍ପ୍ରସାରଣ ।

ସାମ୍ପ୍ରତିକ ପରିସ୍ଥିତିରେ, କ୍ଷମତାର ବିକେନ୍ଦ୍ରୀକରଣ, ଉଦାରୀକରଣ ଓ ଘରୋଇ କରଣ ବାହାନାରେ ପ୍ରତ୍ୟେକ କ୍ଷେତ୍ରରେ ସରକାର ନିଜର ଜନ-ମଙ୍ଗଳ ଦାୟିତ୍ୱରୁ ମୁକ୍ତ ହେବାପାଇଁ ଉଦ୍ୟମ କରୁଛନ୍ତି । ଏଣୁ, କେନ୍ଦୁପତ୍ରର ଜାତୀୟକରଣକୁ ବିରୋଧ କରାଗଲେ ଏହା ସରକାରଙ୍କୁ ସୁହାଇବ ଓ ଖସି ଯିବାପାଇଁ ସହାୟକ ହେବ । ଏହାର ଲାଭ ବିଡ଼ି-

କମ୍ପାନୀମାନେ ପାଇବେ ଓ ଏହି ବ୍ୟବସାୟ ସେମାନଙ୍କ ଦ୍ୱାରା ପୁନଃ ନିୟନ୍ତ୍ରିତ ହେବ।

ତେଣୁ, ଜାତୀୟକରଣ ଭିତରେ ତୋଳାଳୀ ଓ ଅନ୍ୟ ଶ୍ରମଜୀବିମାନଙ୍କର ସମସ୍ୟାର ସମାଧାନ ପାଇଁ ଦାବୀ କରାଯିବା ଉଚିତ, ଯାହା ହୋଇପାରିବ ମଧ୍ୟ। କେବଳ, ଏକ ରାଜନୈତିକ ଇଚ୍ଛା-ଶକ୍ତି ଆବଶ୍ୟକ। କେନ୍ଦୁପତ୍ର ଆଇନରେ କେତେକ ବିଷୟଗତ ସଂଶୋଧନ ତଥା 'ପେସା' ଓ ଜଙ୍ଗଲ ଅଧିକାର ଆଇନ, ୨୦୦୬ଭଳି ପ୍ରଗତିଶୀଳ ଆଇନଗୁଡ଼ିକ ସହ ଏହାର ସଂହତି ଏଥିପାଇଁ ଏକ ଅନୁକୂଳ ଆଇନଗତ ପରିବେଶ ସୃଷ୍ଟି କରିପାରିବ।

ଓଡ଼ିଶା ସ୍ୱୟଂ ସହାୟକ ସମବାୟ ଆଇନ, ୨୦୦୧ ଅଧୀନରେ ଫଡ଼ି ସ୍ତରରେ 'ଫଡ଼ି କମିଟି' ପ୍ରତିବଦଳରେ 'ଫଡ଼ି ସ୍ତରୀୟ ସମବାୟ ଏକ ଉତ୍ତମ ସାଂଗଠନିକ ବିକଳ୍ପ ହୋଇ ପାରିବ। ଏପରି ସମବାୟ ଫଡ଼ି ସ୍ତରରେ ସମ୍ପାଦିତ ହେଉଥିବା ସମସ୍ତକାର୍ଯ୍ୟର ଦାୟିତ୍ୱ ନେଇ ପାରିବା ସହ ତୋଳାଳୀ ଓ ଅନ୍ୟଶ୍ରମ-ଜୀବି ମାନଙ୍କର ଏଥିପାଇଁ ଆବଶ୍ୟକୀୟ ଭୂମିକା ଓ ଭାଗିଦାରୀକୁ ମଧ୍ୟ ସୁନିଶ୍ଚିତ କରିପାରିବ। ଏତଦ୍ୱାରା, ଫଡ଼ି ସ୍ତରରେ ହେଉଥିବା ବ୍ୟାପକ ଦୁର୍ନୀତିକୁ ମଧ୍ୟ ରୋକାଯାଇ ପାରିବ। ଫଳତଃ, କେନ୍ଦୁପତ୍ର ସହ ଜଡ଼ିତ ଲକ୍ଷ ଲକ୍ଷ ଶ୍ରମଜୀବିମାନଙ୍କର ଜୀବିକା ସୁରକ୍ଷିତ ହେବା ସହ ସରକାରୀ ଅଣ-କର ରାଜସ୍ୱ ସୃଷ୍ଟିକାରୀ ଏହି ଉତ୍ସ ମଧ୍ୟ ସୁଦୃଢ଼ ହେବ।

PRINTED MATERIAL
**BOOK POST**

ପ୍ରାପକ

ପ୍ରେରକ

**'ବସୁନ୍ଧରା'**
ଏ-୭୦, ଶହୀଦନଗର, ଭୁବନେଶ୍ୱର - ୭୫୧ ୦୦୭, ଓଡ଼ିଶା
ଫୋନ- ୦୬୭୪ -
**email: vasundharanr@satyam.net.in**
**web-site: www.vasundharaorissa.org**

**Printed by :** *Balajee Offset, N-5/536,* IRC Village, Bhubaneswar-15